

# ତଥ୍ୟ ପାଇବାର ସୁବିଧାର ପର୍ଯ୍ୟବେକ୍ଷଣ କରିବା (IAS)

## ତଥ୍ୟ ପାଇବାର ସୁବିଧାର ପର୍ଯ୍ୟବେକ୍ଷଣ କ'ଣ?

ତଥ୍ୟ ପାଇବାର ସୁବିଧାର ପର୍ଯ୍ୟବେକ୍ଷଣ ହେଉଛି ଏକ ଯନ୍ତ୍ର ଯାହାକି :

- ଲୋକମାନଙ୍କର ମୁଖ୍ୟ ପ୍ରସଙ୍ଗ ଉପରେ ଚିହ୍ନଟ କରିବା ଏବଂ କେଉଁ ସୂଚନା ସେମାନଙ୍କର ଆବଶ୍ୟକ ଅଟେ ।
- କେଉଁ ପ୍ରକାରର ପ୍ରଚାର ମାଧ୍ୟମ ଅଛି ଏବଂ ତଥ୍ୟଗୁଡ଼ିକ ସଂଗ୍ରହ କରିବା ପାଇଁ ଲୋକମାନେ କେଉଁ ପଦ୍ଧତି ବ୍ୟବହାର କରନ୍ତି ତାହା ଚିହ୍ନିତ କରାଯାଏବଂ ଏହି ପଦ୍ଧତିର ମୂଲ୍ୟ ସାପେକ୍ଷତା ନିର୍ଦ୍ଧାରଣ କରାଯାଏ ।
- ଗ୍ରାମର ଗରିବ ଲୋକମାନେ ଯେଉଁମାନେ ଜଳୀୟ ସଂପଦଗୁଡ଼ିକୁ ଜୀବିକା ନିର୍ବାହନ କରନ୍ତି ତାଙ୍କର ଉପଯୋଗ ଯୋଗାଯୋଗ ପଦ୍ଧତିଗୁଡ଼ିକର ସୁପାରିଶ କରାଯାଏ ।



## ଏହା କ'ଣ ପାଇଁ? ଏହାକୁ କିପରି ବ୍ୟବହାର କରାଯାଏ?

IAS ଦର୍ଶାଏ କିପରି ଭାବେ ଲୋକମାନେ ଆବଶ୍ୟକ ସୂଚନାଗୁଡ଼ିକ ପ୍ରାପ୍ତ କରନ୍ତି । ଏହା କୁହେ ଆମ୍ଭେମାନେ କିପରି ଆମ୍ଭମାନଙ୍କର ଅଂଶୀଦାରମାନଙ୍କ ସଂଗେ ଯୋଗାଯୋଗ ରଖିପାରିବା । ଏଠାରେ କିଛି ଉଦାହରଣ ରହିଛି ତଥ୍ୟ ପର୍ଯ୍ୟବେକ୍ଷଣ କରିଥିବା ସମୟରେ କେଉଁ ତଥ୍ୟଗୁଡ଼ିକ ଆମ୍ଭେମାନେ ପାଇପାରିବା ।

ଏହର ମୁଖ୍ୟ ବିଷୟ ଗୁଡିକ ଉପରେ ଧ୍ୟାନ ଦିଆଯାଏ ଯେଉଁଗୁଡିକ ହେଲା ରଙ୍ଗ, ଲେଖା ଓ ଶୈଳୀ, ସହଜ ଭାଷା, ଛବି ଏବଂ ଚିତ୍ର ।

ରେଡିଓ ଏକ ଲୋକପ୍ରିୟ ମାଧ୍ୟମ ଫିଲିପିନ୍ସର ଉପକୂଳବର୍ତ୍ତୀ ଅଞ୍ଚଳରେ ଯାହା ଗୋଷ୍ଠୀମାନଙ୍କ ମଧ୍ୟରେ ବେଶୀ ବ୍ୟବହାର ହୁଏ ।

ପାରମ୍ପାରିକ ସୂଚନା ଗୁଡ଼ିକ ଉପରେ ଗ୍ରାମବାସୀମାନଙ୍କର ବେଶୀ ବିଶ୍ୱାସ ଯାହାକି ସେମାନେ ଗ୍ରାମର ମୁଖିଆ, ଗୋଷ୍ଠୀମୁଖ୍ୟ, ସାଧୁ ଏବଂ ଗ୍ରାମର ବରିଷ୍ଠ ଲୋକମାନଙ୍କଠାରୁ ପାଆନ୍ତି ।

ଭିଏତ୍‌ନାମ୍‌ରେ ଜନସାଧାରଣଙ୍କୁ ସୂଚିତ କରିବା ପାଇଁ ରେଡିଓର ପ୍ରସାରଣ ଏବଂ ସମାଚାରଗୁଡିକ ମାଇକ୍ର ମାଧ୍ୟମରେ ୫୦୦୦ଟି ବିଚ୍ଛିନ୍ନ ଗୋଷ୍ଠୀ ଗୁଡିକରେ ନିଶୁଳ୍କରେ କରାଯାଏ ।

କାମ୍ବୋଡିଆରେ ଚଳଚିତ୍ର ଏବଂ ହାସ୍ୟ ନାଟକଗୁଡିକ ମନୋରଞ୍ଜନର ମୁଖ୍ୟ ମାଧ୍ୟମ ଏବଂ ଅନେକ ଲୋକ ବିଶ୍ୱାସ କରନ୍ତି ଯାତ୍ରା କଣ୍ଢେଇ ନାଚ ଏବଂ ଦୈନିକ ନାଟକଗୁଡିକ ଟିଭି ଏବଂ ରେଡିଓର ମାଧ୍ୟମରେ ଦେଖାଯାଏ ଏବଂ ଯୋଗାଯୋଗ ପାଇଁ ସେଗୁଡିକ ମହତ୍ୱପୂର୍ଣ୍ଣ ମାଧ୍ୟମ ।

ଭିଏତ୍‌ନାମର ଲୋକମାନେ ପଢ଼ିବା ପାଇଁ ବହୁତ ଭଲ ପାଆନ୍ତି ।

ଫିଲିପିଇନସ୍‌ର ହାସ୍ୟରସାତ୍ମକ ବହି (ପ୍ରେମ କଥା ଉପରେ ଆଧାରିତ ସେଗୁଡିକ ଖୁବ୍ ଲୋକପ୍ରିୟ ।

# ତଥ୍ୟ ପାଇବାର ସୁବିଧାର ପର୍ଯ୍ୟବେକ୍ଷଣ : କିପରି ଆରମ୍ଭ କରାଯିବ ।



ଆପଣ ଏହି ଯନ୍ତ୍ରକୁ ବିଭିନ୍ନ ସ୍ଥାନରେ ଉପଯୋଗ କରିପାରିବେ । ଉନ୍ନୟନ ମୂଳକ କାର୍ଯ୍ୟରେ IAS କୁ ଆପଣ ବ୍ୟବହାର କରିପାରିବେ ଦରିଦ୍ର ଗୋଷ୍ଠୀଗୁଡିକର ଆବଶ୍ୟକତାକୁ ଜାଣିବା ପାଇଁ ।

ତଥ୍ୟ ପାଇବାର ସୁବିଧାର ପର୍ଯ୍ୟବେକ୍ଷଣ ଏକ ପ୍ରମୁଖ ଅଙ୍ଗ ହେଉଛି କୌଣସି ଏକ ଯୋଜନା ଏବଂ କାର୍ଯ୍ୟର ପ୍ରକଳ୍ପ ସ୍ତରରେ । IAS ରେ ହେବା ଉଚିତ୍ -

- ଦଳର ଆବଶ୍ୟକତାଗୁଡିକ ଉପରେ ଗୁରୁତ୍ୱ ଦେବାକୁ ହେବ ।
- ବେଶୀରୁ ବେଶୀ ଲୋକମାନଙ୍କୁ ସାମିଲ୍ କରିବାକୁ ହେବ ।
- ସାମାଜିକ ଏବଂ ସାଂସ୍କୃତିକ ଭାବେ ଯାହା ଗ୍ରହଣ ଯୋଗ୍ୟ ଥିବ ।
- ଏହା ନମନୀୟ ହେବା ଉଚିତ୍, ଯାହା ଫଳରେ ଆମେ ଆମର ପରିବେଶନୁଯାୟୀ ଏହାକୁ ପରିବର୍ତ୍ତନ କରିପାରିବା
- ଏପରି ନିର୍ଦ୍ଦେଶ ରହିବା ଉଚିତ୍ ଯାହାକି ସହଜ ଭାବେ କାର୍ଯ୍ୟକ୍ଷମ ହୋଇ ପାରିଥିବ ।

ଯେତେବେଳେ ଆପଣ ଏକ ତଥ୍ୟ ପାଇବା ସୁବିଧାର ପର୍ଯ୍ୟବେକ୍ଷଣ ପରିଚାଳନା କରିବେ ସେତେବେଳେ ଆପଣଙ୍କୁ ଦଳରେ କାମ କରିବାକୁ ହେବ ଏବଂ ସେହି ଭାବରେ ଯୋଜନା ତିଆରି କରିବାକୁ ହେବ ।

ଆପଣ ପ୍ରଶ୍ନ ପଚାରି କାର୍ଯ୍ୟ ଆରମ୍ଭ କରିବେ :

ଆମ୍ଭେମାନେ କାହିଁ ଏହା କରୁଛୁ ଏବଂ ଆମ୍ଭେମାନେ ଏହି ସୂଚନାରୁ କ'ଣ ପାଇବା ପାଇଁ ଚାହୁଁ

ଆମ୍ଭେମାନେ ଯେଉଁ ସୂଚନା ପାଇବାକୁ ଚାହୁଁ ତାହା କିପରି ପାଇପାରିବା ଏବଂ କେଉଁ ଯନ୍ତ୍ର ଆମ୍ଭେମାନେ ବ୍ୟବହାର କରିବା ।

କାହା ସଙ୍ଗେ ଆମେ କାମ କରିବା? ଏବଂ କିପରି ଆମେ ସେମାନଙ୍କ ସଂଗେ କଥାବାର୍ତ୍ତା କରିବା ଯାହା ଫଳରେ ସେମାନେ ବୁଝିପାରିବେ ଆମେ ସେମାନଙ୍କ ଠାରୁ କ'ଣ ଚାହୁଁଛୁ ।

କିଏ କ'ଣ ଏବଂ କେତେ ବେଳେ କରିବ



ଆମ୍ଭେମାନେ କିପରି ଲୋକମାନଙ୍କୁ କହିବା ଯେ ଆମ୍ଭେମାନେ କ'ଣ ପାଇବୁ?

ଆମ୍ଭେମାନେ ପରବର୍ତ୍ତୀ ସମୟର କାର୍ଯ୍ୟ ପାଇଁ କିପରି ଉନ୍ନତି କରିବା

ଆମ୍ଭେମାନେ କିପରିଭାବେ ବିଚାର ବିମର୍ଶ ଏବଂ ତଥ୍ୟର ଆଦାନ ପ୍ରଦାନ କରିବା ସେଇ ଲୋକମାନଙ୍କ ଠାରୁ ଯେଉଁମାନେ ଆମ୍ଭମାନଙ୍କୁ ସାହାଯ୍ୟ କରିଛନ୍ତି ।

ଆମ୍ଭମାନଙ୍କ ପାଖରେ କେତେ ସମୟ ଅଛି ଏହା କେତେ ସମୟ ପର୍ଯ୍ୟନ୍ତ ଚାଲିବ ।

# ଥ୍ୟପାଇବାର ସୁବିଧାର ପର୍ଯ୍ୟବେକ୍ଷଣର ଉତ୍ପାଦନ କରିବାର ଏକ ପଦ୍ଧତି



ଯଦି ମୁଁ ଏକ IAS ଉତ୍ପାଦନ କରିବି ତେବେ ମୋତେ କେଉଁ ସୋପାନ ଗୁଡିକୁ କରିବାକୁ ହେବ?



**ଏଠାରୁ ଆରମ୍ଭ**

### ପ୍ରଥମ ସେପାନ
### IAS କେଉଁ ଭୌଗିଳକ ସ୍ଥାନ ଗୁଡିକରେ କାର୍ଯ୍ୟ କରୁଛି ।

- ଏହାର ଜନସଂଖ୍ୟା କେତେ?
- ଏହାର ସାକ୍ଷରତା ସ୍ତର କେତେ?
- ଏହି ସ୍ଥାନର ଭାଷା, ଶୈଳୀ, ଦେଶୀୟ ଦଳ, ସହର ଏବଂ ଗ୍ରାମ୍ୟ ଗୋଷ୍ଠୀ, ପୁରୁଷ ଏବଂ ମହିଳା?



### ଦ୍ୱିତୀୟ ସୋପାନ
### ଯୋଗାଯୋଗ ଏବଂ ସୂତ୍ରର ଅବସ୍ଥିତିକୁ ଖୋଜି ବାହାର କରିବା

- କେଉଁ ସୂତ୍ର ଗୁଡିକ ଅଛି (ଅନୁଷ୍ଠାନିକ ଏବଂ ଅଣ ଆନୁଷ୍ଠାନିକ)
- କେତେ ଘରଗୁଡିକରେ ରେଡିଓ ଏବଂ ଟିଭି ଅଛି (ଗୋଷ୍ଠୀ, ବନ୍ଧୁ, ପରିବାରର ଦେଖିବା ପାଇଁ କେତେ ସୁବିଧା ଅଛି)
- କିଏ ଏବଂ କେଉଁ ସ୍ଥାନମାନଙ୍କରେ ପ୍ରସାରଣ କରେ?
- କ'ଣ ଏବଂ କେଉଁମାନଙ୍କ ମଧ୍ୟରେ ଏହା ଲୋକପ୍ରିୟ?
- କେଉଁ ଜାତୀୟ ଏବଂ ସ୍ଥାନୀୟ ସମ୍ବାଦପତ୍ରଗୁଡିକ ଏବଂ ପତ୍ରିକାଗୁଡିକ ଅଛି ଏବଂ ବିଶେଷଜ୍ଞମାନଙ୍କ ଲେଖା କେତେ ପ୍ରକାଶିତ ହେଉଛି ।
- କଳା ପ୍ରଦର୍ଶନ ଉପରେ କ'ଣ ଅଛି? ଲୋକମାନେ କେଉଁଟିକୁ ପସନ୍ଦ କରନ୍ତି? ପଥପ୍ରାନ୍ତ ନାଟକ, କଣ୍ଢେଇ ଖେଳ, ନୃତ୍ୟ ଏବଂ ସଂଗୀତ?



### ତୃତୀୟ ସେପାନ
### କେଉଁ କାର୍ଯ୍ୟଗୁଡିକ ଭଲ ଏବଂ କାହିଁକି ଭଲ ତାହା ଖୋଜି ବାହାର କର ।

- ବର୍ତ୍ତମାନ ସଂସ୍ଥାଗୁଡିକ କେଉଁପରି ଭାବେ ଯୋଗାଯୋଗ କରନ୍ତି?
- ସମ୍ବାଦଗୁଡିକ କ'ଣ ପହଞ୍ଚୁଅଛି । ଏବଂ କିପରିଭାବେ ଭଲ ସମ୍ବାଦଗୁଡିକ ପହଞ୍ଚାଇ ହେବ ।
- ସଂସ୍ଥାଗୁଡିକ ମଧ୍ୟରେ କେଉଁ ସାମଞ୍ଜସ୍ୟ ଅଛି (ସରକାରୀ, ବେସରକାରୀ, ଜନସାଧାରଣଙ୍କ ସଂସ୍ଥା ଏବଂ ଗୋଷ୍ଠୀ)
- କେଉଁ ଯୋଜନା ଏବଂ ପଦ୍ଧତିଗୁଡିକ ଅଛି?
- ଅନୁସନ୍ଧାନର କ୍ଷେତ୍ରରେ କେଉଁଭଳି କାର୍ଯ୍ୟ ଚାଲିଛି, ଏବଂ ନୂଆ ସୂଚନା ଗୁଡିକ ଜନସାଧାରଣଙ୍କ ମଧ୍ୟରେ କିପରି ପହଞ୍ଚୁଛି ଯେଉଁଗୁଡିକ ସେମାନେ ଉପଯୋଗ କରିପାରିବେ ।



### ଚତୁର୍ଥ ସୋପାନ
### ଗ୍ରାମର ଲୋକମାନେ କେଉଁଭାବେ ସୂଚନା ପାଇବା ପାଇଁ ଆଗ୍ରହ କରନ୍ତି ତାହା ଖୋଜି ବାହାର କରିବା ।

- କିପରି ଗ୍ରାମର ଲୋକମାନେ ସୂଚନା ପାଇବା ପାଇଁ ଚାହାଁନ୍ତି ?
- କେଉଁ ମାଧ୍ୟମ ସେମାନେ ଉପଯୋଗ କରନ୍ତି, ସେମାନଙ୍କର ଚାହିଦା କିମ୍ବା ବିଶ୍ୱାସ

### ପଞ୍ଚମ ସୋପାନ
### କୃହନ୍ତୁ ଆବଶ୍ୟକତାଗୁଡିକ କ'ଣ ଅଟେ

- କେଉଁଠାରେ ଯୋଗାଯୋଗର ବିଛିନ୍ନତା ଅଛି?
- କ'ଣ ତାଙ୍କର ଦରକାର? ତାଲିମ୍, ମାଧ୍ୟମ, ଉତ୍ତମ ସଂପର୍କ?

### କ'ଣ ଯନ୍ତ୍ର ମୁଁ ବ୍ୟବହାର କରିବି?

ଯେତେବେଳେ ଆମେ ଯନ୍ତ୍ର ବିଷୟରେ IAS ରେ କହୁଛୁ ଆମ୍ଭେମାନେ ବୈଜ୍ଞାନିକ କୌଶଳ ବିଷୟରେ କହୁଛୁ ଯାହାକୁ ବ୍ୟବହାର କରି ଆପଣ ସୂଚନା ପାଇପାରିବେ । ଏବଂ ଏଠାରେ କିଛି ଉଦାହାରଣ ଅଛି ।

ପ୍ରଶ୍ନାବଳୀ | ଦଳଗତ ଆଲୋଚନା | ସାକ୍ଷାତ୍କାର | ଆନୁଷ୍ଠାନିକ ଏବଂ ଅଣଆନୁଷ୍ଠାନିକ ବୈଠକ

# ତଥ୍ୟ ପାଇବାର ସୁବିଧାର - ଏକ ବୈଠକ




## ଆବଶ୍ୟକୀୟ ସଂଯୋଗ

**ଅନ୍ୟାନ୍ୟ ଉତ୍ତମ ଅଭ୍ୟାସଗତ ପଥପ୍ରଦର୍ଶିକା**

**ଏଠାରେ ଅନେକଗୁଡିଏ**

ଉତ୍ତମ - ଅଭ୍ୟାସଗତ ପଥପ୍ରଦର୍ଶିକା ରେଖା ଦିଆଯାଇଛି ସେଗୁଡିକ ଏଥିରେ ଅନ୍ତର୍ଭୁକ୍ତ ।

- ଏକମତ ଗଠନ କରିବାର ପ୍ରକ୍ରିୟା
- ସ୍ୱୟଂ ସାହାଯ୍ୟକାରୀ ଦଳ

ଆପଣ ଏହାର ଏକାଧିକ କପି ଏବଂ ଅନ୍ୟ ଉତ୍ତମ ଅଭ୍ୟାସଗତ ପଥପ୍ରଦର୍ଶିକା ଷ୍ଟ୍ରିମ୍ କଣ୍ଟ୍ରି ଅଫିସ୍, ଷ୍ଟ୍ରିମ୍‌ର ଆଞ୍ଚଳିକ ଅଫିସ୍ ଏବଂ ଷ୍ଟ୍ରିମ୍ ୱେବ୍‌ସାଇଟ୍ ରୁ ମଧ୍ୟ ପାଇପାରନ୍ତି ।

ଆମ୍ଭେମାନେ ଆପଣମାନଙ୍କୁ ଉତ୍ତମ-ଅଭ୍ୟାସଗତ ପଥପ୍ରଦର୍ଶିକା ତଥ୍ୟ ଦେବା ପାଇଁ ଇଚ୍ଛାପ୍ରକାଶ କରିବୁ । ଆପଣ ଆମ୍ଭମାନଙ୍କୁ ଫୋନ୍, ଇମେଲ୍, ଓ ଷ୍ଟ୍ରିମ୍ କମ୍ୟୁନିକେସନ୍ ହବ୍ ମ୍ୟାନେଜରଙ୍କ ପାଖକୁ ଲେଖିବା ଦ୍ୱାରା ପାଇପାରିବେ ।


**ଷ୍ଟ୍ରିମ୍ କଣ୍ଟ୍ରି ଅଫିସ୍**
ଡ୍ୟୁପ୍ଲେକ୍ସ - ୨
ଟି.ଏସ୍. ହୋମସ୍
ଟଙ୍କପାଣି ରୋଡ୍, ଭୁବନେଶ୍ୱର - ୧୮
ଫୋନ୍ - ୦୬୭୪ - ୨୩୮୧୮୫୧
ଫ୍ୟାକ୍ସ - ୦୬୭୪ - ୨୩୮୧୮୫୧
ଇ-ମେଲ୍ - rubumukherjee@rediffmail.com

**ଷ୍ଟ୍ରିମ୍ ଆଞ୍ଚଳିକ ଅଫିସ୍ -**
ନାକା
ମତ୍ସବିଭାଗ ପରିଷଦ
କାସେଟ୍ ସାର୍ଟ ୟୁନିଭର୍ସିଟ କ୍ୟାମ୍ପସ
କ୍ୟାମ୍ପସ୍, ଫାହୋଲିୟୋଥିନ୍ ରୋଡ୍
ବାନ୍‌ଙ୍ଗଖେନ୍, ବ୍ୟାଙ୍ଗକକ୍
୧୦୯୦୩
ଥାଇଲାଣ୍ଡ
ଫୋନ୍ - ୬୬୫୬୧୧୭୨୮/୨୯
ଫ୍ୟାକ୍ସ - ୬୬୨୫୬୧୧୭୨୭
ଇ-ମେଲ୍ - stream@enaca.org

**ଷ୍ଟ୍ରିମ୍ ୱେବ୍‌ସାଇଟ୍**
www.streaminitiative.org.